ODM
EDUCATIONAL GROUP
Changing your Tomorrow

# ଶରତ-ନଈ-କୂଳେ

## କବି:ରାଧାମୋହନ ଗଡନାୟକ

## ଶ୍ରେଣୀ:ଷଷ୍ଠ

## ଦ୍ୱିତୀୟ ଦିନ



Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## SUB-CONCEPTS:ଶରତକାଳୀନ ପ୍ରାକୃତିକ ଦୃଶ୍ୟ ସୌନ୍ଦର୍ଯ୍ୟ ।

ODM EDUCATIONAL GROUP

### ପୂର୍ବ ପାଠ୍ୟର ଆଲୋଚନା-

୧.ଶରତ-ନଈ-କୂଳେ କବିତାର କବି କିଏ ?
୨.ରାଧାମୋହନ ଗଡନାୟକ କେଉଁଠି ଜନ୍ମ ଗ୍ରହଣ କରିଥିଲେ ?
୩.କେଉଁ ପୁସ୍ତକ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି ?
୪.ଉକ୍ତ କବିତାଟି କେଉଁ କବିତା ପୁସ୍ତକରୁ ଆସିଅଛି ?

# କବିତାଂଶ ବ୍ୟାଖ୍ୟା:

ଶରତ-ନଈ-କୂଳେ
ବସିଛି ମୁହିଁ ଛାଇ ଛଇଳ
ଆମ୍ର ତରୁ ମୂଳେ ।
ପ୍ରକୃତିର ସବୁଜ କୋଳ
ଏ ମୋର ମନ ହେଉଛି ଭୋଳ,
ନୟନ ମମ
ଭ୍ରମର ସମ
ମାଧୁରୀ ଚାଖି ବୁଲେ ।

ନଈର ଜଳଧାରା
ଚାଲିଛି ଛାଇ ଆଲୁଅ ତଳେ
ଦିଶୁଛି ମନୋହରା ।
ହଲାଇ ଗଛ ପତର ରାଶି
ସମୀର ଧୀରେ ପଡଇ ଝାସି ।
ଗୋଟିକ ଗୋଟି
ପଡୁଛି ଲୋଟି
ଚପଳ ଢେଉ ମାଳା ।

- ଶରତ ନଈକୂଳରେ ଥିବା ଏକ ସୁନ୍ଦର ଆମ୍ବଗଛର ଛାଇରେ କବି ବସିଛନ୍ତି । ପ୍ରକୃତିର ସବୁଜିମାଭରା ସୁନ୍ଦର ଦୃଶ୍ୟକୁ ଦେଖି ସେ ବେଶ ବିଭୋର ହୋଇ ଉଠିଛନ୍ତି । ତାଙ୍କର ଆଖି ଦୁଇଟି ଭ୍ରମର ପରି ସୌନ୍ଦର୍ଯ୍ୟକୁ ଦେଖି ଚାଲିଛି ।

- ଛାଇ ଆଲୁଅର ଲୁଟକାଳି ଖେଳ ମଧ୍ୟରେ ନଈର ଜଳଧାରା ବେଶ ମନୋହର ଦିଶୁଛି । ସେହି ନଈର ଲହରୀମାଳାରେ ପବନ ଧୀରେ ଧୀରେ ଗଛକୁ ହଲାଇ ପତ୍ରସବୁ ଝଡାଇ ପକାଇ ଦେଉଛି ।

# କଠିନ ଶବ୍ଦର ଅର୍ଥ:

- ଛଇଳ-ସୁନ୍ଦର
- ଆମ୍ରତରୁ-ଆମ୍ବ ଗଛ
- ଭୋଳ-ବିହ୍ୱଳ
- ମମ-ମୋର
- ସମ-ସମାନ
- ଝାସି-ଝାସଦେଇ

# ବ୍ୟାକରଣଗତ

## ଶବ୍ଦ:

### ବିପରୀତ ଶବ୍ଦ:

ଛାଇ-ଆଲୁଅ
ମନ-ଅମନ
ସମ-ଅସମ
ମୂଳ-ଅଗ

### ପ୍ରତିଶବ୍ଦ:

ନୟନ-ଆଖି,ଚକ୍ଷୁ
ନଈ-ତଟିନୀ,ସରିତ
ସମୀର-ପବନ,ବାୟୁ

### ଗଦ୍ୟରୂପ:

ଚକର-ଚକ୍ର
ଲଗନ-ଲଗ୍ନ
ମଉନ-ମୌନ
ମୂରୁଛନା-ମୂର୍ଚ୍ଛନା

# ଗୃହକର୍ମ:

## ତୁମ ପ୍ରିୟ ଋତୁକୁ ନେଇ ଏକ ଅନୁଚ୍ଛେଦ ଲେଖ ।

# THANKING YOU

# ODM EDUCATIONAL GROUP